# ଓଡିଶା ସରକାର

## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

*********

## ଘୋଷଣା

No. 1629 Date: 7-12-2021

---

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ,୨୦୧୩ (RFCTLAR&R Act, 2013) ର ଧାରା ୧୯(୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପିଙ୍ଗୁପାଟଣା, ଥାନା- ପାଟଣା, ନଂ-୨୦୧, ତହସିଲ- ସାହାରପଡା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚୀତ "କ" ତପସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ମଧ୍ୟମ ଜଳ ସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଭୂ-ଅର୍ଜନ,ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୯୨୮, ତା ୦୯.୧୨.୨୦୨୦ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ ମୌଜା-ପିଙ୍ଗୁପାଟଣା, ଥାନା- ପାଟଣା, ନଂ ୨୦୧ ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http:/revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ଦେଖିବାକୁ ମିଳିପାରିବ ।

## ତଫସିଲ- "କ"

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ସାହାରପଡା

| ଗ୍ରାମର ନାମ | ଗ୍ରାମାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬. | ୭ | ୮ |
| ପିଙ୍ଗୁପାଟଣା | ଗ୍ରାମାଂଚଳ | ୪୩ | ୫୦୩ | ବାଜେଫସଲ ଦୁଇ | ୧.୬୮ | ୦.୧୦ | ସୂର୍ଯ୍ୟ ମାଝି , ସୁରାଇ ମାଝୀ, ମଙ୍ଗଲ ମାଝୀ, ପି- ସାଉତୋ ମାଝୀ, କାଣ୍ଡୁ ମାଝୀ, ଲେଢା ମାଝୀ, ମଙ୍ଗଲ ମାଝୀ, ଚନ୍ଦ୍ରାଏ ମାଝୀ, ପି- ମୋଚିଆ ମାଝୀ, ସାଉତୋ ମାଝୀ ଦିସୁନ ମାଝୀ, ପି- ସୁରାଇ ମାଝୀ, ଜା- ସାନ୍ତାଳ, ବା- ନିଜ ଗାଁ |
| | ମୋଟ | | | | ୧.୬୮ | ୦.୧୦ | |

## ତଫସିଲ- "ଖ"

### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ସାହାରପଡା

| ଗ୍ରାମର ନାମ | ଗ୍ରାମାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧିନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ- ୯୨୮ ତା. ୦୯.୧୨.୨୦୨୦ ରିଖ ଅନୁଯାୟୀ ଧାରା ୧୧(୧) ର ଘୋଷିତ ଅଧିସୁଚନାର ବୈଧ ତାରିଖ **୧୫.୦୩.୨୦୨୧**

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜିଲ୍ଲାପାଳ